# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26th June - 2024**

**News Editor : *Itishree Singh Rathuar***

*********************************

## ମୁଖ୍ୟ ସମ୍ବାଦ

● ଅଷ୍ଟାଦଶ ଲୋକସଭାର ବାଚସ୍ପତି ଭାବେ କ୍ରମାଗତ ଦ୍ୱିତୀୟ ଥରପାଇଁ ନିର୍ବାଚିତ ହେଲେ ଓମ୍ ବିର୍ଲା ।

— ଆସନ୍ତାକାଲି ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

● ଆସନ୍ତା ୬ ତାରିଖରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ।

● ସମ୍ବଲପୁର ସହରରେ ଜଣ୍ଡିସ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦କୁ ବୃଦ୍ଧି ।

— ପରିସ୍ଥିତି ନିୟନ୍ତ୍ରଣ ଲାଗି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ ।

● ବଲାଙ୍ଗିର ଓ ବରଗଡ଼ ଜିଲ୍ଲାରେ ବଜ୍ରପାତରେ ୫ ଜଣଙ୍କର ମୃତ୍ୟୁ ଅଭିଯୋଗ ।

ଏବଂ

- ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା; ୧୨ଟି ଜିଲ୍ଲାକୁ ସତର୍କ ସୂଚନା ଜାରି ।

***Desk***

# ବାଚସ୍ପତି ନିର୍ବାଚନ

ଅଷ୍ଟାଦଶ ଲୋକସଭାର ବାଚସ୍ପତି ଭାବେ ଓମ୍ ବିର୍ଲା ନିର୍ବାଚିତ ହୋଇଛନ୍ତି। ବାଚନିକ ଭୋଟ୍‌ରେ ବିରୋଧୀ ମେଣ୍ଟ ପ୍ରାର୍ଥୀ କେ.ସୁରେଶଙ୍କୁ ହରାଇ ସେ ଦ୍ୱିତୀୟ ଥର ପାଇଁ ଏହି ପଦବୀରେ ଆସୀନ ହୋଇଛନ୍ତି। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ପରେ ପ୍ରଧାନମନ୍ତ୍ରୀ ଏନ୍‌ଡିଏର ବାଚସ୍ପତି ପ୍ରାର୍ଥୀଭାବେ ଓମ୍ ବିର୍ଲାଙ୍କ ନାମ ପ୍ରସ୍ତାବ ରଖିଥିଲେ। ଏହାକୁ ଏନ୍‌ଡିଏର ସହଯୋଗୀ ଦଳ ସମର୍ଥନ କରିଥିଲେ। ଅନ୍ୟପକ୍ଷରେ ଇଣ୍ଡି ମେଣ୍ଟ ପକ୍ଷରୁ କେ.ସୁରେଶଙ୍କ ନାମ ବାଚସ୍ପତି ଭାବେ ପ୍ରସ୍ତାବ ରଖାଯାଇଥିଲା। ତେବେ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ଧ୍ୱନିମତ ସଂଗ୍ରହ କରିଥିଲେ। ଏହାପରେ ବାଚନିକ ଭୋଟ୍‌ରେ ଓମ୍ ବିର୍ଲା ବିଜୟୀ ହୋଇଥିବା ଶ୍ରୀ ମହତାବ ଘୋଷଣା କରିଥିଲେ।

ଶ୍ରୀ ବିର୍ଲା ବାଚସ୍ପତି ହେବା ପରେ ପ୍ରଧାନମନ୍ତ୍ରୀ କହିଥିଲେ, ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଶ୍ରୀ ବିର୍ଲା ସଂସଦରେ ସମସ୍ତଙ୍କ ମାର୍ଗଦର୍ଶନ କରିବେ। ପୂର୍ବରୁ କଂଗ୍ରେସ ଶାସନ ସମୟରେ ଲୋକସଭାରେ ବଲରାମ ଝାକର ତାଙ୍କର ୫ ବର୍ଷ କାର୍ଯ୍ୟ ସମାପ୍ତ କରିବା ପରେ ତାଙ୍କୁ ପୁଣି ଥରେ ବାଚସ୍ପତି ଦାୟିତ୍ୱ ମିଳିଥିଲା। କ୍ରମାଗତ ଭାବେ ଶ୍ରୀ ବିର୍ଲା ଏହି ସୁଯୋଗ ପାଇ ଇତିହାସ ସୃଷ୍ଟି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଲୋକସଭା ବାଚସ୍ପତି ଭାବେ ଓମ୍ ବିର୍ଲା ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ମାଝୀ କହିଛନ୍ତି, ଶ୍ରୀ ବିର୍ଲାଙ୍କ ମାର୍ଗଦର୍ଶନରେ ଲୋକସଭା ଗଣତାନ୍ତ୍ରିକ ସିଦ୍ଧାନ୍ତକୁ ବଜାୟ ରଖିବାରେ ନୂତନ ଶିଖରରେ ପହଞ୍ଚି ପାରିବ।

ଆସନ୍ତାକାଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

***Cuttack/R***

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସୁଥିବା ରାଜ୍ୟ ଗୃହ ବିଭାଗ ପକ୍ଷରୁ ସୂଚନା ମିଳିଛି । ରାଷ୍ଟ୍ରପତି ୬ ତାରିଖ ଦିନ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜନ ହେବାକୁ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ

ଶ୍ରାଦ୍ଧବାର୍ଷିକୀରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେବେ ବୋଲି ଜଣାପଡ଼ିଛି । ଏହି ଅବସରରେ ବିଶେଷ ସ୍ମରଣିକା ଉନ୍ମୋଚନ ହେବା ସହ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା ଦିଆଯିବାର କାର୍ଯ୍ୟସୂଚୀ ରହିଛି ।

***Desk***

# ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ତାଙ୍କର ସଂସଦୀୟ କ୍ଷେତ୍ରର ବିକାଶ ଯୋଜନା ଏବଂ ଏମ୍‌ପି ଲାଡ୍ କାର୍ଯ୍ୟକ୍ରମ ପାଇଁ ସମ୍ବଲପୁରକୁ ନୋଡାଲ୍ ଜିଲ୍ଲା ଭାବେ ଚୟନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ପତ୍ର ଜରିଆରେ  ଏହି ସମ୍ପର୍କରେ ଅବଗତ କରାଯାଇଛି। ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧିନରେ ଅନୁଗୁଳ ଓ ଦେବଗଡ଼ ଜିଲ୍ଲା ରହିଛି। ସୂଚନାଯୋଗ୍ୟ, ଏମ୍‌ପି ଲାଡ୍ ହେଉଛି କେନ୍ଦ୍ର ସରକାରଙ୍କର ଏକ ଯୋଜନା। ସାଂସଦମାନଙ୍କୁ ସେମାନଙ୍କର ଅଂଚଳର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ସରକାର ଅର୍ଥ ଦେଇଥାନ୍ତି। ଏହି ଯୋଜନାରେ ପାନୀୟ ଜଳ, ପ୍ରାଥମିକ ଶିକ୍ଷା, ସାର୍ବଜନୀନ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ସଡକ ଭିତ୍ତିଭୂମି ସହିତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଇଥାଏ।

*Sambalpur/R*

## ସମ୍ବଲପୁର - ଜଣ୍ଡିସ୍

ସମ୍ବଲପୁର ସହରରେ ଜଣ୍ଡିସ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦କୁ ବୃଦ୍ଧି ପାଇଛି । ଗତକାଲି ଆକ୍ରାନ୍ତଙ୍କ ସଂଖ୍ୟା ୯୩ ଥିବାବେଳେ ଆଜି ୭ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ପରିସ୍ଥିତିରେ ସୁଧାର ଆସୁ ନ ଥିବାରୁ ଆଜି ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ସୁଜାତାରାଣୀ ମିଶ୍ର, ଭିମ୍ସାର'ର ଡାକ୍ତରୀ ଦଳ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରୁ ଯାଇଥିବା ତ୍ୱରିତ କାର୍ଯ୍ୟାନୁଷ୍ଠାନ ବାହିନୀ - ଆର୍.ଆର୍.ଟି. ସହ ଆଲୋଚନା କରିଛନ୍ତି । ଜଣ୍ଡିସ୍ ବ୍ୟାପିବାର କାରଣ ଓ ନିରାକରଣ ଦିଗରେ ବ୍ୟାପକ ଆଲୋଚନା ହୋଇଥିବା ଜଣାପଡ଼ିଛି । ଏହି ଦଳ ଖୁବ୍ ଶୀଘ୍ର ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ।

*Kandhamal/R*

## ଆଣ୍ଟି-ମ୍ୟାଲେରିଆ ମାସ ଅଭିଯାନ

କନ୍ଧମାଳରେ ମ୍ୟାଲେରିଆ ପ୍ରତିରୋଧ ମାସ ଅଭିଯାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର

ମନୋଜ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିଲେ । ମ୍ୟାଲେରିଆ ପ୍ରତିରୋଧ ପାଇଁ ଜନ ସଚେତନତା ଆବଶ୍ୟକ ବୋଲି ଡାକ୍ତର ଉପାଧ୍ୟାୟ କହିଥିଲେ । ମ୍ୟାଲେରିଆ ଚିହ୍ନଟ ହେଲେ ଯଥାଶୀଘ୍ର ପୂରାମାତ୍ରାରେ ଔଷଧ ସେବନ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି ।

***Ganjuam/R***

# ସବୁଜ ଦକ୍ଷତାକୁ ପ୍ରୋତ୍ସାହନ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରସ୍ଥିତ ସରକାରୀ ଆଇ.ଟି.ଆଇ.ରେ ସବୁଜ ଦକ୍ଷତାକୁ ପ୍ରୋତ୍ସାହିତ କରିବାପାଇଁ ଏକ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଆଇ.ଟି.ଆଇ.ର ବିଦ୍ୟାର୍ଥିମାନେ ବିଭିନ୍ନ ଅଦରକାରୀ ବସ୍ତୁରେ ସୋଲାର ଗାଡ଼ି, ସବୁଜ ହାଇଡ୍ରୋଜେନ୍ ଜେନେରେଟର, ସୋଲାର ଜଳସେଚନ, ସୋଲାର ଷ୍ଟ୍ରିଟଲାଇଟ୍, ଲେଦ୍ ମେସିନ୍ ଭଳି ୬୪ଟି ପ୍ରକଳ୍ପ ନିର୍ମାଣ କରି ପ୍ରଦର୍ଶିତ କରିଛନ୍ତି। ଏହି ପ୍ରଦର୍ଶନୀ ଆଇ.ଟି.ଆଇରେ ପ୍ରଶିକ୍ଷଣ ନେଉଥିବା ବିଦ୍ୟାର୍ଥୀମାନଙ୍କ ଦକ୍ଷତା ବିକାଶ ସହିତ ସେମାନଙ୍କୁ ପରିବେଶ ପ୍ରତି ସଚେତନ ହେବାକୁ ପ୍ରେରଣା ଦେବ ବୋଲି ଆଇ.ଟି.ଆଇ. ଅଧ୍ୟକ୍ଷ ଡକ୍ଟର ରଜତ କୁମାର ପାଣିଗ୍ରାହୀ କହିଛନ୍ତି ।

*Desk, Gajapati, Nabarangpur/R*

# ବିଶ୍ୱ ନିଶା ନିବାରଣ ଦିବସ

ନିଶା କାରବାର ଓ ବେଆଇନ୍ ଚାଲାଣକୁ ରୋକିବା ଲାଗି  ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ନିଶା ନିବାରଣ ଦିବସ ଆଜି ପାଳନ କରାଯାଉଛି ।

ଏହି ଅବସରରେ ସମାଜର ସବୁ ସ୍ତରରେ ଏଥିଲାଗି ସକ୍ରିୟ ଉଦ୍ୟମ ଜାରି ରହିଲେ ନିଶା ବିରୋଧରେ ଯୁବ ସମାଜକୁ ସଶକ୍ତ ଓ ସଚେତନ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି ।

**ସ୍ୱାସ୍ଥ୍ୟମନ୍ତ୍ରୀ** ମୁକେଶ ମହାଲିଙ୍ଗ ସାମାଜିକ ଗଣମାଧ୍ୟମରେ ନିଶା ଅପବ୍ୟବହାର ରୋକିବାକୁ ନିବେଦନ କରିଛନ୍ତି। ଏକ ସୁସ୍ଥ ଓ ଉନ୍ନତ ଭବିଷ୍ୟତ ଗଠନ ପାଇଁ ନିଶାଠାରୁ ଦୂରେଇ ରହିବା ଲାଗି ସମସ୍ତେ ସଂକଳ୍ପ ନେବା ଉଚିତ୍ ବୋଲି କହିଛନ୍ତି।

ରାଜ୍ୟ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ସମାଜରେ ସଂସ୍କାର ଏବଂ ଶାନ୍ତି ଆଣିବାକୁ ହେଲେ, ନିଶା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ହେବ । ଏକ ସୁନ୍ଦର ସମାଜ ଗଠନ ପାଇଁ ନିଶା କାରବାରକୁ ରୋକିବାକୁ ହେବ ବୋଲି ଶ୍ରୀ ଗଣ୍ଡ କହିଛନ୍ତି । ଆଜି ପୂର୍ବାହ୍ନରେ ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳିତ ହୋଇଛି ।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଆଜି ଏହି ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମହାରାଜାଙ୍କ ଉଚ୍ଚ ବିଦ୍ୟାଳୟ ପରିସରରୁ ଏକ ସଚେତନତା ପଦଯାତ୍ରା ଓ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା ।

ନବରଙ୍ଗପୁର ଜିଲ୍ଲାରେ ଏହି ଦିବସ ପାଳନ ଅବସରରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ବିଧାୟକ ଗୌରୀଶଙ୍କର ମାଝୀଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ନିଶାଦ୍ରବ୍ୟ ବ୍ୟବହାରକୁ ରୋକିବା ସହ ଯୁବବର୍ଗ ଏକ ସୁସ୍ଥ ସମାଜ ଗଠନ ଦିଗରେ ଅଗ୍ରସର ହେବାକୁ ଆହ୍ୱାନ ଦେଇଥିଲେ ।

***Desk***

# ପ୍ୟାରିସ୍ ଅଲିମ୍ପିକ୍ସ - ଓଡ଼ିଆ ଖେଳାଳି

ଆଗାମୀ ପ୍ୟାରିସ୍ ଅଲିମ୍ପିକ୍ ଗେମ୍ସ୍ ପାଇଁ ହକି ଇଣ୍ଡିଆ ପକ୍ଷରୁ ୧୬ ଜଣିଆ ଭାରତୀୟ ପୁରୁଷ ହକିଦଳ ଘୋଷଣା କରାଯାଇଛି । ଏଥିରେ ଓଡ଼ିଆ ଖେଳାଳୀ ଅମିତ୍ ରୋହୀଦାସ ସ୍ଥାନ ପାଇଛନ୍ତି । ଏହି ଦଳର ଅଧିନାୟକ ଭାବେ ହର୍ମନ୍ ପ୍ରୀତି ସିଂହ ଏବଂ ହାର୍ଦ୍ଦିକ୍ ସିଂହଙ୍କୁ ଉପ ଅଧିନାୟକ ଭାବେ ଚୟନ କରାଯାଇଛି । ସୂଚନା ଅନୁସାରେ ଆସନ୍ତା ୨୬ ଜୁଲାଇରୁ ଅଗଷ୍ଟ ୧୧ ତାରିଖ ମଧ୍ୟରେ ପ୍ୟାରିସ୍‌ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ।

*Sambalpur/R*

# ରେଡ୍‌କ୍ରସ୍ ବୈଠକ

ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍‌ଙ୍କ ଅଧ୍ୟକ୍ଷତାରେ ରେଡ୍‌କ୍ରସ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରେଡ୍‌କ୍ରସ୍‌ର ଆର୍ଥିକ ଲକ୍ଷ୍ୟ ଓ ସଫଳତା ଏବଂ ଏହାଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନାର ରକ୍ଷଣାବେକ୍ଷଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।

*Bolangir, Baragarh/R*

# ବଜ୍ରପାତ ମୃତ୍ୟୁ

ବଲାଙ୍ଗିର ଓ ବରଗଡ଼ ଜିଲ୍ଲାରେ ଆଜି ବଜ୍ରପାତରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଚାଉଳବାଞ୍ଜି ଗ୍ରାମରେ ବଜ୍ରପାତରେ ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର । ସୂଚନା ଅନୁସାରେ, କପାଚାଷ ପାଇଁ ଯାଇଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା ।

ସେହିଭଳି ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ୍ ଡୁଆନ୍‌ଡିହି ଗ୍ରାମରେ ଆଜି ଅପରାହ୍ଣରେ ବଜ୍ରପାତରେ ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ ଜଣ ଆହତ ହୋଇଛନ୍ତି । ଆହତଙ୍କୁ ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

*Desk*

# ପାଣିପାଗ

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ନୟାଗଡ଼, ଖୋର୍ଦ୍ଧା, କଟକ ଓ ନୂଆପଡ଼ା ଜିଲ୍ଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ପ୍ରବଳ ବର୍ଷା ହେବା ନେଇ ବରଗଡ଼, ବଲାଙ୍ଗିର, ମାଲକାନଗିରି, ଯାଜପୁର, ସୁନ୍ଦରଗଡ଼ ଓ ଗଜପତି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****